ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୮ ଫେବୃୟାରୀ, ୨୦୨୨

### ଖୋଲିଲା ବିଦ୍ୟାଳୟ, ପ୍ରଥମ ଦିବସରେ ୫୫ ପ୍ରତିଶତ ଛାତ୍ରୀଛାତ୍ର

ଗୋପାଳପୁର, (ଡି.ଏନ.ଏ.): ଅଷ୍ଟମରୁ ଯୁକ୍ତ ୨ ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ ସୋମବାର ଖୋଲାଯିବା ସହ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଦୀର୍ଘ ଏକ ମାସ ପରେ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୩୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୯ ଉଚ୍ଚ ବିଦ୍ୟାଳୟ ଖୋଲିଛି। ଉକ୍ତ ବିଦ୍ୟାଳୟଗୁଡ଼ିକରେ ୮ମ, ୯ମ ଓ ୧୦ମର ୫୮୪୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପ୍ରଥମ ଦିବସରେ ୫୫ ପ୍ରତିଶତ ଉପସ୍ଥାନ ରହିଛି। ଛାତ୍ରୀଛାତ୍ରମାନେ କୋଭିଡ୍ ନିୟମ ପ୍ରକାରେ ମାସ୍କ ପରିଧାନ କରିବା ସହ ହାତ ସାନିଟାଇଜ୍ ଓ ସାମାଜିକ ଦୂରତା ଅବଲମ୍ବନ କରିଛନ୍ତି। ଆସନ୍ତା ୧୪ରୁ ପ୍ରଥମରୁ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ଖୋଲାଯିବ ବୋଲି ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତି ମହାପାତ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୧୯୯ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି, ୭।୨(ଡି.ଏନ.ଏ.):** ମୋହନା ବ୍ଲକ ଅନ୍ତର୍ଗତ ଅଡବା ଥାନା କର୍ମଚାରୀଙ୍କ ସହ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସେହି ଦୁର୍ଗମ ଅଞ୍ଚଳରେ ତନଖି କରୁଥିବା ବେଳେ ସୋମବାର ଜଣେ ବାଇକ୍ ଆରୋହୀଙ୍କୁ ସନ୍ଦେହରେ ଅଟକ ରଖି ତଦନ୍ତ କରିଥିଲେ। ଏହି ସମୟରେ ପଛରେ ଆସୁଥିବା ଅନ୍ୟ ୪ଜଣ ବାଇକ୍ ଆରୋହୀ ପୋଲିସ ତଦନ୍ତ କରୁଥିବା ଦେଖି ସମସ୍ତେ ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। ଜଣେ ବ୍ୟକ୍ତିଙ୍କୁ ଅଡ଼ବା ଥାନା କର୍ମଚାରୀ ଅଟକ ରଖି ତଦନ୍ତ କରିବାରୁ ଏୟାର ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ବ୍ରହ୍ମପୁର ଅଭିମୁଖେ ବିକ୍ରି ପାଇଁ ନେଉଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୋଲିସ ଆର.ଉଦୟଗିରି ଥାନା ଅନ୍ତର୍ଗତ ଆଟଲିମା ଗ୍ରାମର ରାଜେନ୍ଦ୍ର ସିଂଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୯୯ କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ନଂ.୨୮/୨୨ରେ ମାମଲା ରୁଜୁ ହୋଇଛି।

### ମଦ ଜବତ, ଜଣେ ଗିରଫ

**କାଶୀନଗର, ୭।୨:** କାଶୀନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଥିବା ବେଳେ ଷ୍ଟେଟ ୪ର୍ଥ ହାଇୱେରେ ଗୁଣପୁର ନିକଟସ୍ଥ ଅଲଡ଼ା ପଞ୍ଚାୟତର ପୁଲିଗୁମିଠାରେ ଚୋରା ନକଲି ବିଦେଶୀ ମଦ ଜବତ କରିଛି। ୮ଟି କାର୍ଟୁନରେ ବିଭିନ୍ନ ବ୍ରାଣ୍ଡର ମଦ ବାଇକ ଦ୍ୱାରା ଚାଲାଣ ବେଳେ ଚାଲାଣକାରୀ ରାୟଗଡ଼ା ଜିଲା ଗୁଣପୁର ଥାନା ବନ୍ଧୁଗୁଡ଼ା ଗ୍ରାମର ନିଳାମପୁରୀ ସଞ୍ଜୀବ କୁମାର (୩୧) ଗିରଫ ହୋଇଛନ୍ତି। ପୋଲିସ ଅବକାରୀ ଧାରା ପ୍ରକାରେ ନଂ. ୨୧/୨୨ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**କାଶୀନଗର, ୭।୨:** ଗତ ବର୍ଷର ନଂ. ୩୮/୨୧ର ଏକ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କାଶୀନଗର ଥାନା ଦେବଦଲା ଗ୍ରାମର ହେମନ୍ତ ମିଶାଲ ନାମକ ବଳାତ୍କାରୀଙ୍କୁ ବିଶାଖାପାଟଣାରୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ସ୍ମୃତି ସୌରଭ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି, ୭।୨(ଡି.ଏନ୍.ଏ.):** ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ଆନୁକୂଲ୍ୟରେ ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନାରେ ଛାତ୍ର ସଂସଦର ସଭାପତି ବସନ୍ତ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପାରଳା ରାଜଜେମା କଲ୍ୟାଣୀ ଦେବୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୁରୁ ଗୌରବ ଗୌରଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଗୁରୁ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଡ. ଦାସଙ୍କ ରହଣି କାଳରେ ପୁରାତନ ତଥା ଖ୍ୟାତିସମ୍ପନ୍ନ ବିଦ୍ୟାଳୟର ଉନ୍ନତି ଓ ପ୍ରଗତି ହୋଇଥିବା ଅତିଥିମାନେ ପ୍ରକାଶ କରିଥିଲେ।

### ଲତାଙ୍କ ବିୟୋଗରେ ଶୋକସଭା

**ହିଞ୍ଜିଳିକାଟୁ, ୭।୨(ଡି.ଏନ.ଏ.):** ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ବିୟୋଗରେ ଲକ୍ଷ୍ମୀ ନୃସିଂହ କଳା ମନ୍ଦିର ପରିସରରେ ସୋମବାର ଅନ୍ୱେଷଣ ଅନୁଷ୍ଠାନ ତରଫରୁ ଏକ ଶୋକ ସଭା ଆୟୋଜନ ହୋଇଯାଇଛି। ଏଥିରେ ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ସାହୁ ଓ ଲିଙ୍ଗରାଜ ସେନାପତି ଯୋଗ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ଡଃ. ହୃଷୀକେଷ ମିଶ୍ର, ପ୍ରମୋଦ ବେହେରା, ନରହରି ସାହୁ, ପ୍ରିୟମ୍ବଦ ପଟ୍ଟନାୟକ, ଦିବାକର ପାଢ଼ୀ, ସରୋଜ ପାତ୍ର, ଦୀପକ ମହାନ୍ତି, ରଞ୍ଜନ ସାହୁ, ରାଜା ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

### ଭଞ୍ଜ ଜୟନ୍ତୀ ପାଳିତ

**ଭଞ୍ଜନଗର,୭।୨(ଡି.ଏନ୍.ଏ.):** ଭଞ୍ଜନଗରର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଭଞ୍ଜ ସାହିତ୍ୟ ପରିଷଦ ଠାରେ ନିରାଡମ୍ବର ଭାବେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବିନୟ କୁମାର ରଥ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଜନୀ କାନ୍ତ ମହାପାତ୍ର କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବିଶିଷ୍ଟ ଭଞ୍ଜବିତ ଡ. କମ୍ବୁପାଣି ସାମନ୍ତ ମୁଖ୍ୟଅତିଥି, ସାମାଜିକ କର୍ମୀ ଅମରନାଥ ରଥ ଏବଂ ରବୀନ୍ଦ୍ରନାଥ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ପଞ୍ଚାୟତ ମିଶ୍ରଣ ବିରୋଧରେ ଧାରଣା

**ଫୁଲବାଣୀ ଅଫିସ,୭।୨**

ନୂତନ ପଞ୍ଚାୟତ ସୀମା ନିର୍ଦ୍ଧାରଣ ଅନୁଯାୟୀ, କେ. ନୂଆଗାଁ ବଣ୍ଡଗୁଡା ପଞ୍ଚାୟତର ଅନେକ ଗ୍ରାମକୁ ନୂତନ ଭାବେ ଗଠିତ ଜିରିଡିକିଆ ପଞ୍ଚାୟତରେ ମିଶାଇ ଦିଆଯାଇଛି । ଏସବୁ ଗ୍ରାମବାସୀ ନୂତନ ପଞ୍ଚାୟତ ମୁଖ୍ୟାଳୟ ଜିରିଡିକିଆଠାରୁ ଦୂରରେ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନେ ପୂର୍ବଭଳି ବଣ୍ଡଗୁଡା ପଞ୍ଚାୟତରେ ସାମିଲ ହେବା ପାଇଁ ଗତ ୭ ବର୍ଷ ହେଲା ଦାବି ଜଣାଇ ଆସୁଛନ୍ତି। ହେଲେ ପ୍ରଶାସନ କିମ୍ବା ସରକାର ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିରିଡିକିଆ ପଞ୍ଚାୟତରେ ନିର୍ବାଚନକୁ ବନ୍ଦ ରଖିବା ପାଇଁ ଗ୍ରାମବାସୀ ଦାବି ଜଣାଇଥିଲେ। ପ୍ରଶାସନ ନ ଶୁଣିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଅଦାଲତଙ୍କ ବିଚାରାଧୀନ ଥିବା ବେଳେ ରାଜ୍ୟ ନିର୍ବାଚନ ଆୟୋଗ ଏଭଳି ମାମଲାରେ ପଞ୍ଚାୟତ ନିର୍ବାଚନକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାକୁ ଅଣଦେଖା କରି ଜିଲା ପ୍ରଶାସନ ଏହି ପଞ୍ଚାୟତରେ ନିର୍ବାଚନ ପ୍ରକ୍ରିୟା ଜାରି ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବି ସମ୍ପର୍କରେ ଗ୍ରାମବାସୀ ଗତ ୨ ତାରିଖରେ ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ। ଯଦି ନିର୍ବାଚନକୁ ବନ୍ଦ ରଖା ନ ଯାଏ ତେବେ ୭ ତାରିଖ ଦିନଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ପ୍ରଦର୍ଶନ କରିବେ ବୋଲି ଜଣାଇଥିଲେ। ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନ ନେବାରୁ ପୂର୍ବ ନିଷ୍ପତ୍ତି ମୁତାବକ ସୋମବାର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଜିଲାପାଳ ଗ୍ରାମବାସୀଙ୍କୁ ଡକାଇ ଆଲୋଚନା କରିଥିଲେ ବି ସୁଫଳ ମିଳିନି ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ହଳଧର ସେଠୀ, ସନ୍ତୋଷ ପ୍ରଧାନ, ଚୌଧୁରୀ ପ୍ରଧାନ, ସୁଶାନ୍ତ ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ ପ୍ରମୁଖ କହିଛନ୍ତି। ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ କମିଶନଙ୍କୁ ଯାହା ରିପୋର୍ଟ ଦିଆଯିବା କଥା ଦିଆଯାଇଛି। କମିଶନ ଯାହା ନିଷ୍ପତ୍ତି ନେବେ ସେ ଅନୁସାରେ କାର୍ଯ୍ୟ ହେବ । ଅନ୍ୟପଟେ ଗ୍ରାମବସୀ ମଙ୍ଗଳବାରଠାରୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି।


ଗ୍ରାମବାସୀ ଧାରଣାରେ ବସିଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

**ଆସିକା, ୭।୨(ଡି.ଏନ.ଏ.)**

### ବନ୍ଧୁକ, ଗୁଳି ଜବତ

ଆସିକା – ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟରେ ଥିବା ଏକ ବିଶ୍ରାମାଗାରରେ ସନ୍ଦେହଜନକ ଅବସ୍ଥାରେ ମେଳି କରିଥିବା ୪ଜଣ ଅଭିଯୁକ୍ତଙ୍କୁ ରବିବାର ମଧ୍ୟରାତିରେ ପୋଲିସ ଗିରଫ କରିଛି । ସେମାନେ ହେଲେ ଭଞ୍ଜନଗର ଥାନା ଅଗଖୋଳ ଗ୍ରାମର ବାବୁଲି ବିଶ୍ୱାଳ, ବେଲଗୁଣ୍ଠା ଥାନା ଗିରିସୋଲା ଗ୍ରାମର ଅକ୍ଷୟ କୁମାର ଗୌଡ଼ ଓ ଆସିକା ଥାନା ରାଇପଲ୍ଲୀ ଗ୍ରାମର ରାମଚନ୍ଦ୍ର ନାହାକ ଓ ବାଲୁଙ୍କେଶ୍ୱର ପାଢ଼ୀ । ଖବର ପାଇ ରାତ୍ରି ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୋଲିସ ବିଶ୍ରାମାଗାର ଉପରେ ଚଢ଼ାଉ କରିଥିଲା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଅଭିଯୁକ୍ତଙ୍କ ନିକଟରୁ ୧୬ ରାଉଣ୍ଡ ଗୁଳି ସହ ୪ ବନ୍ଧୁକ, ୮ବୋମା, ୨ଟି କାତି, ୫ଟି କଳାମୁଖା, ଗୋଟିଏ ବାଇକ ଓ ଗୋଟିଏ ସ୍କୁଟି, ଟର୍ଚ୍ଚ ଲାଇଟ, ମହମବତି, ଲଙ୍କାଗୁଣ୍ଡ, ଦିଆସିଲି ଓ ମଦ ବୋତଲ ଜବତ କରାଯାଇଛି । ଅଭିଯୁକ୍ତମାନେ ଆସିକା ଇଲାକାରେ କୌଣସି ଏକ ସୁନା ଦୋକାନରୁ ଡକାୟତି କରିବା ଲାଗି ଯୋଜନା କରୁଥିବା ପୋଲିସ ତଦନ୍ତରୁ ଜଣାପଡିଛି । ସୋମବାର ଆସିକା ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉମାଶଙ୍କର ସିଂ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏହି ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣଙ୍କ ନାମରେ ଭଞ୍ଜନଗର ଓ ବେଲଗୁଣ୍ଠା ଥାନାରେ ଆପରାଧିକ ମାମଲା ରହିଥିବା ଥାନାଧିକାରୀ କହିଛନ୍ତି । ଏ ନେଇ ଆସିକା ଥାନାରେ ନଂ. ୭୧/୨୨ରେ ଏକ ମାମଲା ରୁଜୁ କରାଯାଇଛି ।

# ମା’ କରଞ୍ଜେଇ ମନ୍ଦିର ପ୍ରତିଷ୍ଠା

**ଜଗନ୍ନାଥପ୍ରସାଦ, ୭।୨(ଡି.ଏନ.ଏ.)**

ପବିତ୍ର ତିଳସପ୍ତମୀ ଚନ୍ଦ୍ରଭାଗା ସ୍ନାନ ଅବସରରେ ଜଗନ୍ନାଥପ୍ରସାଦ ଗ୍ରାମାଞ୍ଚଳର ଇଷ୍ଟଦେବୀ ମା’ କରଞ୍ଜେଇଙ୍କ ନୂତନ ଭାବେ ନିର୍ମିତ ମନ୍ଦିର ସୋମବାର ପ୍ରତିଷ୍ଠା କରାଯାଇଛି। ଦୀର୍ଘ ୬ ମାସ ଧରି ଏହି ମନ୍ଦିର ନିର୍ମାଣ ଚାଲିଥିବା ବେଳେ ନିର୍ମାଣ ଶେଷପରେ ରତ୍ନମୁଦ ସହ ମା’ଙ୍କ ପ୍ରତିମା ମନ୍ଦିର ପ୍ରବେଶ କରିଛନ୍ତି। ଗତ ୪ରୁ ଆରମ୍ଭ ହୋଇଥିଲା ଏହି ପ୍ରତିଷ୍ଠା ଉତ୍ସବ। ଏହି ମନ୍ଦିର ନିର୍ମାଣରେ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨ ଲକ୍ଷ ଓ ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଅନୁଦାନ ମିଳିଥିବା ବେଳେ ମା’ କରଞ୍ଜେଇ ବଣିକ ସଂଘ ନିଜ ଉଦ୍ୟମରେ ସଂଘ ପାଣ୍ଠିରୁ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ ସହଯୋଗରେ ଏହି ନିର୍ମାଣ କରାଯାଇଥିବା ସଂଘ ପକ୍ଷରୁ ଅମିତାଭ ମହାପାତ୍ର କହିଛନ୍ତି। ସ୍ଥାନୀୟ ବ୍ୟବସାୟୀ ରଘୁନାଥ ପାତ୍ର ତାଙ୍କ ସହଧର୍ମିଣୀ ଏସ୍.ଗଙ୍ଗାରାଣୀ ପାତ୍ର ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିବା ବେଳେ ରବିନାରାୟଣ ରଥ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ନିର୍ମାଣର ବିଶ୍ୱକର୍ମା ଗୋପାଳ ଆରୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବାଉରୀବନ୍ଧୁ ଶତପଥୀ, ହୃଷୀକେଶ ମହାନ୍ତି, ଅରୁଣାଚଳ ପାତ୍ର, ବିଭୁ ପ୍ରସାଦ ପଟ୍ଟନାୟକ, ହରିଶ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ।


ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତାଙ୍କ ପୂଜାର୍ଚ୍ଚନା।

# ଗୁପ୍ତେଶ୍ୱର ପୀଠରେ ହରହର ଭେଟଯାତ୍ରା


ତେନ୍ତୁଳିଆପଡ଼ା ଗ୍ରାମରେ ସ୍ୱତନ୍ତ୍ର ଭୋଗ।

**ଖଲ୍ଲିକୋଟ,୭।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ପଞ୍ଚାୟତ ନିକଟ ଚିଲିକା ମଧ୍ୟରେ ଥିବା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ମାଘ ସପ୍ତମୀରେ (ତିଳ ସପ୍ତମୀ)ରେ ଶକଳେଶ୍ୱର ମହାଦେବ ଓ ଗୁପ୍ତେଶ୍ୱର ମହାଦେବଙ୍କ ହରହର ଭେଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣଶରଣପୁର ଶାସନରେ ଥିବା ଶକଳେଶ୍ୱର ମହାଦେବ ବୃଷଭ ବାହାନାରେ ବିରାଜମାନ କରି ଖୋଳ କୀର୍ତ୍ତନ ବାଦ୍ୟରେ ସାହି ପରିକ୍ରମା କରି ଗୁପ୍ତେଶ୍ୱର ପୀଠରେ ପହଞ୍ଚିଥିଲେ। ଦେବନୀତି ପ୍ରକାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ସ୍ୱତନ୍ତ୍ର ଯାତ୍ରାଙ୍ଗୀ ଭୋଗ ହୋଇଥିଲା। କୋଭିଡ୍ କଟକଣା ଥିବାରୁ ଚଳିତ ବର୍ଷ ସମାଗମକୁ ବାରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ଏବଂ କେଶପୁର ପଞ୍ଚାୟତ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ଯାତ୍ରା ପ୍ରତିବର୍ଷ ପାଳିତ ହୁଏ। ଚଳିତ ବର୍ଷ କେଶପୁର ସରପଞ୍ଚ ପ୍ରତିନିଧି ମିଟୁ ସାହୁ ଓ ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରବି ସେଠୀଙ୍କ ସମେତ ଯାତ୍ରା କମିଟି ସଭାପତି ଲକ୍ଷ୍ମଣ ରଥ, ଦୟାନିଧି ମହାରଣା, ରାମ ଜାଲି, ସ୍ୱପ୍ନେଶ୍ୱର ପରିଡ଼ା, ବିଚିତ୍ର ଜାଲି, ଦୀଲିପ ପାହାନ, ରାଜୁ ତରେଇ, ସୁଶାନ୍ତ ତରେଇ, ଅଭିମନ୍ୟୁ ପାହାନ, ହଜାରି ପ୍ରଧାନ, ବାବୁଲା ପରିଡ଼ା, କୀର୍ତ୍ତନ ପଲେଇ, ଭ୍ରମର ସାହୁ, ବାବୁଲା ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଚାରରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ


ସଭାରେ ପ୍ରଚାର ଚାଲିଛି।

**ଗୋପାଳପୁର/ଶେରଗଡ଼, ୭।୨(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀର ୫୫ନଂ ଜୋନ୍‌ରେ ୯ଟି ପଞ୍ଚାୟତ ରହିଛି। ଏହି ଜୋନ୍‌ର ବିଜେଡି ପ୍ରାର୍ଥୀ ତଅପୋଇ ଦାସଙ୍କ ନିମନ୍ତେ ସୋମବାର ଲୁହାଝର, ଶୀତଳାପଲୀ ଓ ଟାଟା କଲୋନୀରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ ନିର୍ବାଚନ ପ୍ରଚାର କରିଥିଲେ। ଉକ୍ତ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥିନୀ ଅନିତା ମହାଙ୍କୁଡ଼ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ପ୍ରାର୍ଥୀ ପି. କମଳା ରେଡ଼ି ନିର୍ବାଚନ ପ୍ରଚାରରେ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସିଏଚ୍ ଭରତ ପାତ୍ର, ଯୁବନେତା ରାମହରି ପାତ୍ର, ବିନୋଦ କୁମାର ମହାଙ୍କୁଡ଼, କେଶବ ରେଡ଼ି, ସନ୍ତୋଷ ମହାରଣା, ବିଭୁ ଦାଶ, ନାଗେଶ ରେଡ଼ି, ପ୍ରକାଶ ଦାଶଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

ବିଜେଡିର ୩ଟି ଜୋନ୍‌ର ପ୍ରଚାର ଚାଲିଛି। ଏନେଇ ଡାକବାଜି ଯନ୍ତ୍ର ସହ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ସୋମବାର ବିଜେଡି ୫୬ ନଂ. ଜୋନ୍ ପ୍ରାର୍ଥୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଡିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ପ୍ରଚାରରେ ସାମିଲି ହୋଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ କରଡାକଣା ପଞ୍ଚାୟତ ଜଗନ୍ନାଥ ମନ୍ଦିର ଆଗରେ ପ୍ରଚାର କରିବା ଆଳରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଉକ୍ତ ପ୍ରଚାର ସମୟରେ ପ୍ରାର୍ଥୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ନେତା ହୀନ ବେହେରା, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଟୁନା ଚୌଧୁରୀ, ବିରୂପାକ୍ଷ ବିଷୋୟୀ ପ୍ରମୁଖ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ କହିଛନ୍ତି।

# ଘରକୁ ଘର ବୁଲୁଛନ୍ତି ପ୍ରାର୍ଥୀ

**ଭଞ୍ଜନଗର,୭।୨(ଡି.ଏନ.ଏ)**

### ଭଞ୍ଜନଗର ବ୍ଲକ

ଭଞ୍ଜନଗର ବ୍ଲକରେ ଶେଷ ପର୍ଯ୍ୟାୟ ଅର୍ଥାତ୍ ୨୪ ତାରିଖରେ ମତଦାନ ହେବ। ତେଣୁ ଏବେଠୁ ଜୋରଦାର ପ୍ରଚାର ହୋଇ ନଥିଲେ ମଧ୍ୟ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ଼ମେମ୍ବର ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବ୍ଲକର ୩ଟି ଯାକ ଜିଲା ପରିଷଦ ଜୋନର ବିଜେଡ଼ି, କଂଗ୍ରେସ, ଭାଜପା ଏବଂ ଅନ୍ୟ ପ୍ରାର୍ଥୀମାନେ ପ୍ରଚାରକୁ ଧିରେ ଧିରେ ବଢ଼ାଉଛନ୍ତି। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରତ୍ୟକ୍ଷ ଭାବେ ପ୍ରଚାରକୁ ଓହ୍ଲାଇ ନାହାନ୍ତି। ସେ ଦଳୀୟ କର୍ମକର୍ତ୍ତାଙ୍କୁ ଡ଼ାକି ରଣନୀତି ପ୍ରସ୍ତୁତ କରୁଛନ୍ତି। ସୋମବାର ସେ ମୁଦୁଲିପଲ୍ଲୀ ପଞ୍ଚାୟତର ଭାଲିଆଖାଇ ଏବଂ ଡ଼େଙ୍ଗାପଦରରେ ଚାଲିଥିବା ନାମଯଜ୍ଞ ସ୍ଥଳକୁ ଯାଇଥିଲେ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ୧୬ଟି ପଞ୍ଚାୟତରେ ବିଜୟୀ ହୋଇଥିଲେ। ବଳକା ୬ଟି ପଞ୍ଚାୟତରେ ଅସନ୍ତୁଷ୍ଟ ବିଜେଡ଼ି, କଂଗ୍ରେସ ଓ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। ବିଜେଡ଼ି ଗତ ଥର ଅପେକ୍ଷା ଚଳିତ ନିର୍ବାଚନରେ ଆହୁରି ଭଲ ଫଳାଫଳ କରିବ ବୋଲି ଆଶା ରଖିଛି। କଂଗ୍ରେସ ଅଧିକାଂଶ ପଞ୍ଚାୟତରେ ପ୍ରାର୍ଥୀ ଦେଇନାହିଁ । ଭାଜପା ସମସ୍ତ ପଞ୍ଚାୟତରେ ପ୍ରାର୍ଥୀ ଦେଇଛି । ତେଣୁ ଭାଜପା ପ୍ରଥମ ଥର ପାଇଁ ଭଞ୍ଜନଗର ବ୍ଲକକୁ ଅକ୍ତିଆର କରିବା ଆଶା ରଖିଛି । ବ୍ଲକରେ ଏ ପର୍ଯ୍ୟନ୍ତ କୌଣସି ରାଜନୈତିକ ହିଂସା ଘଟିନାହିଁ । ପୋଲିସ କଡ଼ା ନଜର ରଖିଛି ।

# ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

**ହିଞ୍ଜିଳିକାଟୁ, ୭।୨(ଡି.ଏନ.ଏ.)**

ହିଞ୍ଜିଳି ଥାନା ମାରପଲ୍ଲୀ ନିକଟରେ ରବିବାର ଏକ ଟ୍ରାକ୍ଟର (ଓଡି୦୭ଜି୪୫୧୨) ପଛକୁ ଧକ୍କା ଦେଇ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ମାରପଲ୍ଲୀ ଗ୍ରାମର କାହ୍ନୁ ଚରଣ ସାହୁ(୬୫)। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାଇ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର କାହ୍ନୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

# ଛତ୍ରପୁର ଟର୍ଫ ହକି ସେଣ୍ଟର ବାଟବଣା

**ଛତ୍ରପୁର,୭।୨(ଡି.ଏନ.ଏ)**

ଛତ୍ରପୁରଠାରେ ପ୍ରସ୍ତାବିତ ସିନ୍ଥେଟିକ୍ ଟର୍ଫ ହକି ସେଣ୍ଟର ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲେ ବି ଜମି ହସ୍ତାନ୍ତରରେ ବିଳମ୍ବ ଯୋଗୁ ଏହି କାମ ଆରମ୍ଭ ହୋଇପାରୁନି। ଟର୍ଫ ହକି ସେଣ୍ଟର ପାଇଁ ଚିହ୍ନଟ ୩.୧ ଏକର ଜମି ଛତ୍ରପୁର ତହସିଲ ଅଧିନ ସୀତାରାମପୁର ମୌଜା ଖାତା ନଂ– ୪୭୫ରେ ରହିଛି । ତେବେ ଏହା ଗୃହ ବିଭାଗ ଅଧିନରେ ରହିଛି। ଉକ୍ତ ଜମିରେ ଥିବା ପୋଲିସ ବିଭାଗର ଏକ ପୁରୁଣା କୋଠାକୁ ଭଙ୍ଗାଯିବାକୁ ଅଛି । ପୂର୍ବରୁ ଗୃହ ବିଭାଗରୁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ହସ୍ତାନ୍ତର କରିବାକୁ ଗଞ୍ଜାମ ଜିଲାପାଳ ୨୦୨୧ ମାର୍ଚ୍ଚ ୨ ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ଉକ୍ତ କୋଠା ଭାଙ୍ଗିବାକୁ ସ୍ଥାନୀୟ ଗୃହ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବ୍ରହ୍ମପୁର ଡିଭିଜନର ଡିଭିଜନାଲ ମୁଖ୍ୟ ଅଶୋକ କୁମାର ମିଶ୍ର ଗଞ୍ଜାମ ଅତିରିକ୍ତ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ସେହିପରି ଗଞ୍ଜାମ ଏସ୍‌ପିଙ୍କୁ ମଧ୍ୟ ଇଡକୋ ପକ୍ଷରୁ ଚିଠି ଲେଖାଯାଇଛି। ଏହି କୋଠା ଭାଙ୍ଗିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ଇଡକୋ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି ଏବଂ ବିଭାଗୀୟ ସଚିବ ପ୍ରତି ସପ୍ତାହରେ ସମୀକ୍ଷା କରୁଥିବା କୁହାଯାଇଛି ।

# ଟେନିସ ହ୍ୟାଣ୍ଡବଲ: କୁଶପଲି ଚାମୁଣ୍ଡା ଚାମ୍ପିୟନ


ଅତିଥିଙ୍କ ସହ ପୁରସ୍କୃତ ଖେଳାଳି।

**ଗଞ୍ଜାମ, ୭।୨(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ୭ ଦିନ ଧରି ଚାଲିଥିବା ମା’ କନକଦୁର୍ଗା ଟେନିସ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁଇଁତୋଳା ଭାଇ ଟିମ୍ ଓ କୁଶପଲି ମା’ ଚାମୁଣ୍ଡା ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ରୋମାଞ୍ଚକର ମ୍ୟାଚରେ ଉଭୟ ଦଳ ଦୁଇଟି ଲେଖାଏ ସେଟ୍ ଜିତିଥିବା ବେଳେ ପାୱାର ପ୍ଲେରେ ମା’ କୁଶପଲି ଦଳ ଅଧିକ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଆଇନଜୀବୀ କୈଳାସ ଚନ୍ଦ୍ର ପଲାଇ, ସମ୍ମାନିତ ଅତିଥି ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଭଲିବଲ ମାଷ୍ଟର ଗୋବିନ୍ଦ ଚନ୍ଦ୍ର ବାରିକି, ନାଟ୍ୟ ନିର୍ଦ୍ଦେଶକ ପଙ୍କଜ କୁମାର ବାରିକି, କ୍ଲବ ସଭାପତି ଅଜୟ କୁମାର ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ଜୟକୃଷ୍ଣ ବାରିକି ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଜିତୁ, ମନୋଜ, କାଳିଆ ଓ ଅନ୍ୟମାନେ ପରିଚାଳନା କରିଥିଲେ। ପୁଇଁତୋଳାରେ ଏହି ଟୁର୍ନାମେଣ୍ଟ ୩ବର୍ଷ ଧରି ହୋଇ ଆସୁଥିବା ଆୟୋଜକ ସୂଚନା ଦେଇଛନ୍ତି।

### ଗୁମ୍ମା ବ୍ଲକ ୩ନଂ ଜୋନ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା

**ପାରଳାଖେମୁଣ୍ଡି,୭।୨(ଡି.ଏନ.ଏ)**

ଗଜପତି ଜିଲା ଗୁମ୍ମା ବ୍ଲକ ୩ନଂ ଜିଲା ପରିଷଦ ଜୋନ୍‌ରେ ଚଳିତଥର କଡ଼ା ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ପୂର୍ବରୁ ଏହି ଜୋନ୍ କଂଗ୍ରେସ କବଜାରେ ଥିଲା। ୨୦୧୭ ମସିହା ନିର୍ବାଚନରେ ବିଜେଡିର ଆସିନ ଗମାଙ୍ଗଙ୍କୁ ପରାସ୍ତ କରି କଂଗ୍ରେସର ପ୍ରେମିକା ରଇତ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ଏଠାରୁ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିରୁ ଗ୍ଲେଡି ଗମାଙ୍ଗ, ଭାଜପାରୁ ମୋହିନୀ ମହାନ୍ତି, କଂଗ୍ରେସର ରେଣୁକା ପାତ୍ର ପ୍ରାର୍ଥୀ ହୋଇଥିବା ବେଳେ ଜୟନ୍ତୀ ଲିମ୍ମା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି। ତେବେ କଂଗ୍ରେସ, ଭାଜପା ଏବଂ ବିଜେଡି ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଏହି ଜୋନ୍‌ରେ ତୁମୁଲ, ସେରଙ୍ଗ, ତୁମ୍ବବାଡ଼ା, ବଡ଼ କଳାକୋଟ, ରେଗିଡ଼ି, ଉଖୁରା, ବାଇଝାଲ, ବୃଷବ, ଗାଇବା ଓ ପରିଡ଼ା ଆଦି ୧୦ଟି ପଞ୍ଚାୟତ ରହିଛି। ମୋଟ ଭୋଟର ସଂଖ୍ୟା ୨୪,୭୬୭। ସେଥିମଧ୍ୟରୁ ୧୨,୧୫୩ ପୁରୁଷ ଓ ୧୨,୬୧୧ ମହିଳା ଭୋଟର ଅଛନ୍ତି।

### ବିପୁଳ ପରିମାଣର ଭାଙ୍ଗ ଜବତ: ଅଭିଯୁକ୍ତ ଗିରଫ

**ଆସିକା, ୭।୨(ଡି.ଏନ.ଏ.)**

ଆସିକା–ଭଞ୍ଜନଗର ମୁଖ୍ୟ ରାସ୍ତାର ବାଲିସିରା ନିକଟରେ ସୋମବାର ଭୋରରୁ ପୋଲିସ ଏକ ଟାଟା ଏସିଇରୁ ୬୯ କିଲୋ ୬୫୦ ଗ୍ରାମ ଭାଙ୍ଗ ଗାଡି ସହ ଜବତ କରିଛି। ୨୫ଟି ପଲିଥିନ ପ୍ୟାକେଟରେ ଥିବା ଏହି ଭାଙ୍ଗ ନିଆଯାଉଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଧରାକୋଟ ଥାନା ଜଗମୋହନ ଗ୍ରାମର ମୁନା ପାତ୍ର। ପୋଲିସ ପାଟ୍ରୋଲିଂ ଦଳ ବାଲିସିରା ନିକଟରେ ଗାଡିକୁ ଅଟକାଇ ଯାଞ୍ଚ କରୁଥିଲା ବେଳେ ସମ୍ପୃକ୍ତ ଗାଡ଼ିର ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଅଧିକ ତଦନ୍ତ ବେଳେ ଗାଡ଼ିରେ ଭାଙ୍ଗ ଥିବା ଜଣାପଡିଥିଲା। ଭାଙ୍ଗ ସବୁ କନ୍ଧମାଳରୁ ପୁରୀ ଅଭିମୁଖେ ଯାଉଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ. ୭୨/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଫ୍ଲାଗ୍‌ମାର୍ଚ୍ଚ, ହୋର୍ଡିଂ ଉଚ୍ଛେଦ

**ଜଗନ୍ନାଥପ୍ରସାଦ, ୭।୨(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୋଲିସ ତାହାର ଶକ୍ତି ପ୍ରଦର୍ଶନ ସହ ଉପସ୍ଥିତି ଜାହିର କରିଛି। ସୋମବାର ତହସିଲଦାର ମନୋଜ କୁମାର ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ପଣ୍ଡା, ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ସମେତ ପୋଲିସ କର୍ମଚାରୀ ଗ୍ରାମର ମୁଖ୍ୟ ବଜାର ଓ ସାହି ମଧ୍ୟରେ ଫ୍ଲାଗ୍ ମାର୍ଚ୍ଚ କରିବା ସହ ସରକାରୀ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ବହୁ ପୋଷ୍ଟର ବ୍ୟାନରକୁ ବାହାର କରି ଜବତ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ସମୟରେ ତହସିଲଦାରଙ୍କ ନିର୍ଦ୍ଦେଶରେ ପୋଲିସ ଡାକବାଜି ଯନ୍ତ୍ର ସାହାଯ୍ୟରେ ସ୍ଥାନୀୟ ଜନସାଧାରଣ କଡାକଡି ଭାବେ ନିର୍ବାଚନ ଆଚରଣବିଧି ପାଳନ କରିବା ଓ କୌଣସି ବିଶୃଙ୍ଖଳା ନ ଭିଆଇବା, ଗୋଟିଏ ସ୍ଥାନରେ ଅଧିକ ଲୋକ ଜମା ହୋଇ ନ ରହିବା, ପ୍ରଶାସନ ବିନା ଅନୁମତିରେ ସଭା ସମିତି ରାଲି କଲେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଚାର କରିଛନ୍ତି।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ରୋବର୍ଟ ସିକ୍ସ ଚାମ୍ପିୟନ

**ଦିଗପହଣ୍ଡି, ୭।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଚାଞ୍ଚଡାପଲି ଗ୍ରାମରେ ଆୟୋଜିତ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଞ୍ଚଳ କଲୋନୀର ରୋବର୍ଟ ସିକ୍ସ ଦଳ ଚାମ୍ପିୟନ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦିଗପହଣ୍ଡି ଅଞ୍ଚଳ କଲୋନୀର ରୋବର୍ଟ ସିକ୍ସ ସହ ମା’ ମହୁରୀ କାଳୁଆ ଦଳର ମୁକାବିଲା ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଅଞ୍ଚଳ କଲୋନୀ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ମହୁରୀ କାଳୁଆ ଦଳ ମାତ୍ର ୧୧୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ମ୍ୟାଚ ଶେଷରେ ଗ୍ରାମ୍ୟ କମିଟି ସଭାପତି ରାମନାଥ ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମହୁରୀ କାଳୁଆ ଦଳର ଉଜ୍ଜ୍ୱଳଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚନା କରାଯାଇଥିବା ବେଳେ ଅଞ୍ଚଳ କଲୋନୀର ଅଜିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ପ୍ରିୟ ରଞ୍ଜନ ସାହୁଙ୍କୁ ଶ୍ରେଷ୍ଠ ବୋଲର ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

